I J C R M
International Journal of Contemporary Research In Multidisciplinary

Research Article

ବିବର୍ତ୍ତନ ସଂସ୍କୃତିର ଅବବୋଧ: ରଞ୍ଜନ ପ୍ରଧାନଙ୍କ ଧରଣୀପେନୁ ଉପନ୍ୟାସ

ଝିଲି ସେଠ୍ [1*], ଡ. ଗଣେଶ ପ୍ରସାଦ ସାହୁ [2]
[1] ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
[2] ସହାୟକ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

Corresponding Author: * ଝିଲି ସେଠ୍

DOI: https://doi.org/10.5281/zenodo.24273394

ସାରାଂଶ:

ଭାରତବର୍ଷର ମହାନ ସଭ୍ୟତା ଓ ସଂସ୍କୃତିର ଆଦିନିର୍ମାତା ହେଉଛନ୍ତି ଆଦିମ ଅଧିବାସୀ ଜନଜାତି । ଜନଜାତି ସେହି ମହାନ ସଂସ୍କୃତିର ଦାୟାଦ ରୂପେ ନିଜ ପରମ୍ପରାକୁ ଆଗେଇ ନେଇଥାନ୍ତି । ସମୟସ୍ରୋତରେ ଆଦିବାସୀ ଜୀବନଧାରା ସଂଘର୍ଷବହୁଳ ହେବା ସହ ତା'ର ସଂସ୍କୃତିରେ ପରିବର୍ତ୍ତନ ଦେଖାଯାଇଛି । ବିକାଶ ତଥା ବାହ୍ୟ ପରମ୍ପରା ଦ୍ୱାରା ପ୍ରଭାବିତ ଜନଜାତି ସଂସ୍କୃତି କାଳକ୍ରମେ କ୍ଷୟ ହେବାରେ ଲାଗୁଛି । ଓଡ଼ିଶାରେ ଜନଜାତିକୁ କେନ୍ଦ୍ରକରି ଅନେକ ଉପନ୍ୟାସ ଲେଖାଯିବାର ସମୃଦ୍ଧ ପରମ୍ପରା ରହିଥିବାର ଦେଖାଯାଏ । ଲେଖକ ରଞ୍ଜନ ପ୍ରଧାନଙ୍କ *ଧରଣୀପେନୁ* କୁଟିଆ କନ୍ଧଙ୍କ ଉପରେ ଆଧାରିତ ଏକ ନୂତନ ଉପନ୍ୟାସ । ଉକ୍ତ ଆଲେଖ୍ୟରେ ଲେଖକଙ୍କ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀରୁ ସେମାନଙ୍କ ସଂଘର୍ଷ, ବାହ୍ୟ ଧର୍ମର ପ୍ରଭାବ ତଥା ସାଂସ୍କୃତିକ ବିବର୍ତ୍ତନ ଇତ୍ୟାଦିର ଚର୍ଚ୍ଚା କରିବାକୁ ପ୍ରୟାସ କରାଯାଇଛି ।

Manuscript Information

- **ISSN No:** 2583-7397
- **Received:** 11-09-2026
- **Accepted:** 08-11-2026
- **Published:** 16-11-2026
- **IJCRM:**5(6); 2026: 204-208
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

How to Cite this Article

ସେଠ ଝିଲି, ସାହୁ ଜି.ପି. ବିବର୍ତ୍ତନ ସଂସ୍କୃତିର ଅବବୋଧ: ରଞ୍ଜନ ପ୍ରଧାନଙ୍କ ଧରଣୀପେନୁ ଉପନ୍ୟାସ. Int J Contemp Res Multidiscip. 2026;5(6):204-208.

Access this Article Online

www.multiarticlesjournal.com

ପ୍ରମୁଖ ଶବ୍ଦାବଳୀ: ଜନଜାତି, ସଂସ୍କୃତି, ଧର୍ମାନ୍ତରୀକରଣ, ବିସ୍ଥାପନ, କନ୍ଧ ମିଥ୍

© 2026 ଝିଲି ସେଠ୍, ଡ. ଗଣେଶ ପ୍ରସାଦ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ପରିଚୟ

ଉପନ୍ୟାସ ହେଉଛି ଏକ ଆଧୁନିକ ଶିଳ୍ପକଳା । ଲେଖକ ଉପନ୍ୟାସର ଆଙ୍ଗିକକୁ କଳ୍ପନା ଛଳରେ ଜୀବନର ବସ୍ତବତାକୁ ପ୍ରକାଶ କରିବାର ଗୋଟେ ବଳିଷ୍ଠ ମାଧ୍ୟମ ଭାବେ ଲୋଡ଼ିଥାନ୍ତି । ମନୁଷ୍ୟ ଜୀବନର ବ୍ୟାପକ ଅଭିଜ୍ଞତା ଓ ଅନୁଭୂତି ସହିତ ତା'ର ସୁଖଦୁଃଖ, ହସକାନ୍ଦ, ଆଶାନିରାଶା, ଅଭାବଅନଟନ ଇତ୍ୟାଦି ଘଟଣାକୁ ସ୍ରଷ୍ଟା ସାର୍ଥକ ରୂପେ ରୂପାୟିତ କରିଆସୁଛନ୍ତି । ସଭ୍ୟ ସମାଜର ଶିକ୍ଷିତ ବ୍ୟକ୍ତି ହେଉ ଅବା ବଣ ଜଙ୍ଗଲର ଅଧିବାସୀ ହେଉ ତା'ର ସାମାଜିକ ରୀତିନୀତି, ପ୍ରଥାପରମ୍ପରା, ବିବର୍ତ୍ତିତ ସଂସ୍କୃତି ସର୍ବୋପରି ସାମାଜିକ ସମସ୍ୟାକୁ କଳାତ୍ମକ ଭଙ୍ଗୀରେ କଥାକାର ପ୍ରକାଶ କରିପାରିଛନ୍ତି । ସମୟସ୍ରୋତରେ ଉପନ୍ୟାସର ଭାବଧାରାରେ ନୂତନତ୍ୱ ଦେଖାଯାଇଛି । ସମାଜର ଅନ୍ୟାୟ ଅତ୍ୟାଚାର, ବିକାଶ ଫଳରେ ପ୍ରଭାବିତ ହେଉଥିବା ଜନଜୀବନ ତଥା ସଂସ୍କୃତିର ଅବକ୍ଷୟ ଇତ୍ୟାଦି ଘଟଣାକୁ କଳ୍ପନାର ପୁଟଦେଇ ସ୍ରଷ୍ଟା ବାସ୍ତବତାକୁ ପ୍ରକାଶ କରୁଥିବାରୁ ଉପନ୍ୟାସ ଆଜି ସତମୁଖର ହୋଇଉଠିଛି । ଜୀବନର ଏହି ପୂର୍ଣ୍ଣାଙ୍ଗ କାହାଣୀର ଚିତ୍ର ରୂପାୟିତ ହେଉଥିବାରୁ ଉପନ୍ୟାସ ଆଜି ଲୋକପ୍ରିୟତା ହାସଲ କରିପାରିଛି । ସାମ୍ପ୍ରତିକ ସମୟର ଜଣେ ସୁପରିଚିତ ଓଡ଼ିଆ କଥାକାର ହେଉଛନ୍ତି ରଞ୍ଜନ ପ୍ରଧାନ (୧୯୭୯-) । ନିଜ କଥା ଯାତ୍ରାର ବୈଚିତ୍ର୍ୟ ପାଇଁ ଓଡ଼ିଆ କଥା ସାହିତ୍ୟରେ ସେ ବହୁ ପ୍ରଶଂସନୀୟ ହୋଇପାରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଗାଳ୍ପିକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ ହେଁ ପରବର୍ତ୍ତୀ ସମୟରେ ଉପନ୍ୟାସ ଜଗତରେ ପାଦ ଥାପିଛନ୍ତି । ଉପନ୍ୟାସ ଜଗତରେ ତାଙ୍କର ପ୍ରଥମ ସୃଷ୍ଟି 'ବୁଢା ବଳଙ୍ଗର ମାଟି'(୨୦୧୯)ରେ କଥାକାର ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଓ ଅଭିନବ ଉପସ୍ଥାପନା ଶୈଳୀ ପ୍ରକାଶ କରିଛନ୍ତି । ରଞ୍ଜନ ପ୍ରଧାନଙ୍କ ଦ୍ୱିତୀୟ ଉପନ୍ୟାସ 'ଧରଣୀ ପେନୁ' (୨୦୨୩, ପକ୍ଷୀଘର ପ୍ରକାଶନୀ) ହେଉଛି ଏକ ଜନଜାତି ସମସ୍ୟା ମୂଳକ ଉପନ୍ୟାସ ।

ରଞ୍ଜନ ପ୍ରଧାନ ଜଣେ କଥାକାର ହେବା ସହିତ ଜଣେ ଗବେଷକ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ପ୍ରଥମେ ସେ ସାମ୍ବାଦିକ ବୃତ୍ତିରେ ରହି ବହୁ ସ୍ଥାନ ଭ୍ରମଣ କରି ବିଭିନ୍ନ ତଥ୍ୟ ଓ ତତ୍ତ୍ୱ ଗ୍ରହଣ କରିଛନ୍ତି । ଜନଜାତି ଗବେଷଣା ତଥା ନୃତାତ୍ତ୍ୱିକ ଅଧ୍ୟୟନ ଦ୍ୱାରା ଜନଜାତି ସଂସ୍କୃତି ପରମ୍ପରା ଏବଂ ଜୀବନଶୈଳୀକୁ ଅତି ନିକଟରୁ ଦେଖି ତାଙ୍କ ସମସ୍ୟାକୁ ସାହିତ୍ୟରେ ପରିକଳ୍ପନା ଭଙ୍ଗୀରେ ପରିପ୍ରକାଶ କରିଛନ୍ତି । 'ଧରଣୀପେନୁ' ଉପନ୍ୟାସ ହେଉଛି କୁଟିଆ କନ୍ଧ ଜନଜାତିର ବିପର୍ଯ୍ୟସ୍ତ ସଂସ୍କୃତି, ଦ୍ରୋଣ ଜାନିର ପ୍ରଚଣ୍ଡ ହତାଶା ଓ ଆତ୍ମାହୁତିର କରୁଣ କାହାଣୀ । ସମୟସ୍ରୋତରେ ପରିବର୍ତ୍ତିତ କନ୍ଧ ସଂସ୍କୃତି ପରମ୍ପରାକୁ ଔପନ୍ୟାସିକ ଅତି ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିଛନ୍ତି । ଉପନ୍ୟାସଟି କୁଟିଆ କନ୍ଧ ଜନଜାତିର ସୃଷ୍ଟି ରହସ୍ୟ, କନ୍ଧ ସଂସ୍କୃତିର ସାମାଜିକ ପ୍ରଥା ପରମ୍ପରା, ଧର୍ମାନ୍ତରୀକରଣର ଘନଘଟା, ବିସ୍ଥାପିତ କନ୍ଧ, ଶୋଷିତ କନ୍ଧ, ଅନ୍ଧବିଶ୍ୱାସର ପ୍ରତିଫଳନ, ଧର୍ମୀୟ ଯୌନ ଶୋଷଣ, ପ୍ରେମରେ ପ୍ରତାରଣା, ଦେଶୀୟ ଧର୍ମଧାରା ପ୍ରତି ଘୃଣା, ରମାନନ୍ଦ ସରସ୍ୱତୀଙ୍କ ନିଧନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଜରଙ୍ଗ ଦଳ, ମାଓବାଦୀଙ୍କ ଆତଙ୍କ, ଶିଳ୍ପ ଖଣି ଖାଦାନ ପାଇଁ ବିସ୍ଥାପନ ଇତ୍ୟାଦି ପ୍ରସଙ୍ଗକୁ ନେଇ ଉପନ୍ୟାସଟିର କଥାଭାଗ ଗତିଶୀଳ । ଉପନ୍ୟାସର ପରିସମାପ୍ତିରେ ଦ୍ରୋଣ ଜାନିର ରକ୍ତାକ୍ତ ଆତ୍ମାହୁତିର କରୁଣ କାହାଣୀ ପାଠକଙ୍କୁ ଚକିତ କରିଦେଇ ଆଣିଦେଇଛି ଅସରନ୍ତି ଦୀର୍ଘଶ୍ୱାସ । ଉପନ୍ୟାସରେ ତିନୋଟି ପ୍ରମୁଖ ଦିଗ ଦୃଶ୍ୟମାନ ହୋଇଛି । ପ୍ରଥମଟି ହେଲା କୁଟିଆକନ୍ଧ ଜନଜାତିର ସାମାଜିକ ପ୍ରଥା ପରମ୍ପରା, ଜୀବନଶୈଳୀ ତଥା ବିବର୍ତ୍ତିତ ସଂସ୍କୃତି । ଦ୍ୱିତୀୟଟି ହେଲା ଧର୍ମାନ୍ତରିତ ଘଟଣା ଏବଂ ତୃତୀୟଟି କନ୍ଧ ଜନଜାତିର ଆଦିମ ମିଥ୍ ସୃଷ୍ଟି କାହାଣୀ । କଥାକାରଙ୍କର ଏହି ସାମାଜିକ ସମସ୍ୟା ଭିତ୍ତିକ ଜନଜାତୀୟ ଉପନ୍ୟାସ ସମ୍ପୂର୍ଣ୍ଣ ଭାବରେ ଏକ ଅଭିନବ ପ୍ରୟାସ । ଏହା ପାଠକୀୟ ଆଦର ମଧ୍ୟ ଲାଭ କରିପାରିଛି ।

//୧ //

ସଂସ୍କୃତି ଗୋଟେ ଜାତିକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ । ଏହି ସଂସ୍କୃତି ବାର୍ତ୍ତାବହର ରୂପ ନେଇ ମାନବ ସମାଜର ସ୍ୱରୂପକୁ ଉନ୍ମୋଚିତ କରିଥାଏ । ଗୋଟିଏ ଜାତିର ସଂସ୍କୃତି ଯେତେ ସମୃଦ୍ଧ ସେହି ଜାତି ସେତେ ଉନ୍ନତ । ଯେତେବେଳେ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳର ଆଦିବାସୀ ଜନଜାତି କଥା ଆସେ ସେତେବେଳେ ସଂସ୍କୃତି ଅନନ୍ୟ ରୂପରେ ନିଜର ସ୍ୱରୂପକୁ ପ୍ରକାଶ କରିଥାଏ । ସେହି ସରଳ ଅଧିବାସୀଙ୍କୁ ଆଧାର କରି କଥାକାର ଧରଣୀପେନୁ ଉପନ୍ୟାସ ରଚନା କରିଛନ୍ତି । କଥାକାର ଉପନ୍ୟାସରେ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ କୁଟିଆ କନ୍ଧ ଜନଜାତିର ଜୀବନଧାରା, ସାମାଜିକ ପ୍ରଥା ପରମ୍ପରାକୁ ବିଶ୍ଳେଷଣ କରିଛନ୍ତି । କୋଟଗଡ଼ ଅନ୍ତର୍ଗତ ସୁବର୍ଣ୍ଣଗିରି ଅଞ୍ଚଳର ଜାକେଶପାଟା ଓ ଦୁର୍ଦୁଲିପାଟା ପାହାଡ଼କୁ କନ୍ଧ ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଭାବରେ ପୂଜା କରିଆସୁଛି । ଏହି ପାହାଡ଼ର ନାମାନୁସାରେ ଜାକେଶି ଗାଁର ନାମକରଣ ହେଇଛି । ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ଦ୍ରୋଣ ଜାନି । କନ୍ଧ ସଂସ୍କୃତି ତଥା ତାର ପୂର୍ବପୁରୁଷଙ୍କ ପରମ୍ପରାକୁ ଜାବୁଡ଼ି ଧରି ରଖିଥିବା ଜଣେ କନ୍ଧ ପୂଜକ (ଦ୍ରୋଣ ଜାନି) । ଯିଏକି ଜୀବନର ଶେଷ ନିଶ୍ୱାସ ଯାଏଁ ନିଜ ସଂସ୍କୃତିକୁ ରକ୍ଷାକରିବା ପାଇଁ ଆତ୍ମବଳି ଦେବାକୁ ମଧ୍ୟ ପଛେଇ ନାହାଁନ୍ତି । ସେ ନିଜେ ଗୋଟେ କନ୍ଧ ବୋଲି ଗର୍ବକରି କହନ୍ତି "ଆ'ନୁ କୁଏଞ୍ଜୁ" (ମୁ ଜଣେ କନ୍ଧଲୋକ) (ପୃ -୧୪) । ସେ ଧର୍ମାନ୍ତରିତ କନ୍ଧମାନଙ୍କୁ କ୍ରମଶଃ ଲୁପ୍ତପ୍ରାୟ କନ୍ଧ ସଂସ୍କୃତି, ପୂର୍ବପୁରୁଷଙ୍କ ପରମ୍ପରା, ଜୀବନଦର୍ଶନ ଓ ସାଂସ୍କୃତିକ ଅସ୍ମିତା ସମ୍ପର୍କରେ ସଚେତନ କରାଇବାକୁ ପ୍ରୟାସ କରନ୍ତି । ମାତ୍ର ଜାକେଶି ଗାଁର ଖ୍ରୀଷ୍ଟଧର୍ମାବଲମ୍ବୀ କନ୍ଧମାନେ ବୁଢାର ଉପଦେଶକୁ ଗୁରୁତ୍ୱ ନ ଦେଇ ଚର୍ଚ୍ଚକୁ ପ୍ରାର୍ଥନା ଅଭିମୁଖେ ଅଗ୍ରସର ହୁଅନ୍ତି । କେବଳ ହାତଗଣତି କନ୍ଧ ନିଜ କନ୍ଧ ସଂସ୍କୃତି, ପରମ୍ପରା ଓ ପରିଚୟକୁ ସଂରକ୍ଷଣ କରିବା ନିମନ୍ତେ ସଚେଷ୍ଟ ହୋଇଛନ୍ତି । କଥାକାର କନ୍ଧ ସମାଜରେ ପରମ୍ପରା ଓ ଧର୍ମାନ୍ତର ଜନିତ ସାଂସ୍କୃତିକ ସଂକଟକୁ ଅତ୍ୟନ୍ତ ମାର୍ମିକ ଭାବରେ ଉପସ୍ଥାପନ କରିଛନ୍ତି । ଔପନ୍ୟାସିକ ରଞ୍ଜନ ପ୍ରଧାନ ନିଜର ଗବେଷଣା ଅନୁଭୂତିକୁ କୁଟିଆ କନ୍ଧ ଜନଜାତିର ସୃଷ୍ଟି ରହସ୍ୟ, ଜାକେଶପାଟା ଓ ଦୁର୍ଦୁଲିପାଟା ପାହାଡ଼ର ସୃଷ୍ଟି, ପାହାଡ଼ ସୃଷ୍ଟି, କନ୍ଧ ଭାଇମାନଙ୍କର ସୃଷ୍ଟି , କୁଟିଆ କନ୍ଧର ବଂଶ ସୃଷ୍ଟି, ଜାକେଶି ଗାଁ'ର ନାମକରଣ କେମିତି ହେଇଛି ତାହା ବିସ୍ତୃତ ଭାବେ ବ୍ୟାଖ୍ୟା କରିଛନ୍ତି ।

ଆଦିମ ଅଧିବାସୀ ଜନଜାତି ପ୍ରକୃତି ସହିତ ଜଡ଼ିତ ଏବଂ ପ୍ରକୃତି ପୂଜନରେ ସମାହିତ । ସେମାନେ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳ ମଧ୍ୟରେ ରହି ପ୍ରକୃତିକୁ ଉପଭୋଗ କରନ୍ତି, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବପର୍ବାଣି ଆୟୋଜନ କରି ବିଳାସମୟ ଜୀବନ ଯାପନ କରନ୍ତି । ଏହି ଜନଜାତିମାନଙ୍କର ପର୍ବପର୍ବାଣି ପ୍ରକୃତି, କୃଷି ଓ ସାମୁଦାୟିକ ଜୀବନ ସହ ଗଭୀର ଭାବରେ ଜଡ଼ିତ । ଏହି ପର୍ବପର୍ବାଣି ଆନନ୍ଦ, ଏକତା ଓ ପାରମ୍ପରିକତାର ପ୍ରତୀକ । ନୃତ୍ୟ ସଙ୍ଗୀତ ପୂଜାପାଠ ମାଧ୍ୟମରେ ସେମାନେ ତାଙ୍କ ସଂସ୍କୃତି ପ୍ରକାଶ କରିଥାନ୍ତି । ଔପନ୍ୟାସିକ ଉପନ୍ୟାସରେ ବହୁ ପର୍ବର କଥା ଉଲ୍ଲେଖ କରିଛନ୍ତି । ଜାକେଶି ପାଖରେ ଥିବା ଚଙ୍ଗାପାରୁ ଗାଁର କୁଟିଆକନ୍ଧ ପୁଣିକାଲୁ ପରବ ପାଳିଛି । କୁଟିଆ କନ୍ଧ ବିଶ୍ୱାସ କରେ ଯଦି କେହି ପୁଣିକାଲୁ ପୂର୍ବରୁ ଜଙ୍ଗଲର ଖାଦ୍ୟଶସ୍ୟ, ଫଳମୂଳ ଖାଏ, ଝାଡୁ କାଟେ ତାହେଲେ ଜଙ୍ଗଲର ବାଘ ଭାଲୁକୁ ସମ୍ଭାଳି ହୁଏ ନାହିଁ, ତା ସହିତ ଧରଣୀପେନୁ ରିସା ହୁଏ ଏବଂ ଗାଁରେ ରୋଗ ବ୍ୟାପିଥାଏ । କନ୍ଧ ଦୀର୍ଘ ଦୁଇଦିନ ପୁଣିକାଲୁ ପରବ ପୂଜାବିଧି କରି ତାର ଦେବାଦେବୀଙ୍କୁ ପୋଢ, ଛେଳି, କୁକୁଡ଼ାର ରକ୍ତ ଦେଇଥିବାର ଦୃଶ୍ୟ ଉପନ୍ୟାସରେ ଦେଖାଯାଇଛି । ଦ୍ରୋଣ ଜାନି ସେହି ଚଙ୍ଗାପାରୁ ଗାଁରେ ଅତିଥି ହୋଇ ଆସିଥିଲେ । ଏଠି ଚଙ୍ଗାପାରୁର କୁଟିଆକନ୍ଧର ପୂଜା ଦେଖି ଦ୍ରୋଣ ଜାନିର ହତାଶା ମନୋଭାବ ଓ ବିପର୍ଯ୍ୟସ୍ତ ହୋଇପଡୁଥିବା କନ୍ଧ ସଂସ୍କୃତିକୁ ଏଠାରେ ଆକଳନ କରାଯାଇପାରେ ।

ଉପନ୍ୟାସରେ ଦେଖାଯାଇଛି ଦୀର୍ଘ ନଅ ବର୍ଷ ପରେ ଚଙ୍ଗାପାରୁରେ ଧରଣୀପେନୁ ପାଇଁ ମେରିଆ ପୋଢ ବଳି ଯାତ୍ରାର ଯୋଗ ଫିଟିଛି । ଆସନ୍ତାବର୍ଷ ମାଘ ମାସ ଶେଷ ରବିବାର ଦିନ ମେରିଆ ପର୍ବ ହେବ । ପୋଢ କିଣା ହେବାର ଠିକ ବର୍ଷକ ପରେ ମେରିଆ ଯାତ୍ରା

© 2026 ଝିଲି ସେଠ୍, ଡ. ଗଣେଶ ପ୍ରସାଦ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ହୁଏ । ମେରିଆ ପର୍ବ ପାଇଁ କନ୍ଧର ବହୁ ନୀତିନିୟମ ରହିଛି, ପୋଢ଼ କିଣା ସରିବା ପରେ ପୋଢକୁ ଚାଷ କାମରେ ଲଗାଯାଏ ନାହିଁ । ଦଉଡ଼ିରେ ବନ୍ଧାଯାଏ ନାହିଁ । ପୋଢ ମନଇଚ୍ଛା ବିଲବାଡ଼ିରୁ ଫସଲ ଖାଏ । ଫସଲ ଖାଇ ପୋଢ ହୃଷ୍ଟ ପୃଷ୍ଟ ହେଲେ ଧରଣୀ ପେନୁ ଖୁସି ହେବ ଚଙ୍ଗାପାରୁର ରିଷ୍ଟ ଖଣ୍ଡନ ହେବ ବୋଲି କନ୍ଧର ବିଶ୍ୱାସ ଥାଏ । କନ୍ଧ ତାର ନୀତିନିୟମ, ପୂଜାବିଧି କରି ପୋଢକୁ ବଳି ଦେଇଛନ୍ତି । "ପୋଢଟି ଧରାଶାୟୀ ହୋଇଯିବା ପରେ କୁଟିଆକନ୍ଧ, କନ୍ଧୁଣୀମାନେ ପୋଢ ଶରୀରରୁ ଛୁରୀ କଟୁରୀ ହାଣି ପୋଢ ମାଂସ ସଂଗ୍ରହ କରି ନିଜନିଜ ଜମି, ପଦର ଓ ଧରଣୀପେନୁ ସ୍ଥଳରେ ପୋତିବାକୁ ଧାଇଁଲେ । କନ୍ଧ ବିଶ୍ୱାସ କରେ ଯେ ପୋଢ ମାଂସକୁ ମାଟିରେ ପୋତିଲେ ମାଟି ଉର୍ବର ହୁଏ, ଭଲ ଫସଲ ଅମଳ ହୁଏ, ହଳଦୀ ଗାଢ ଲାଲ୍ ହୁଏ । ଗାଁରେ ରୋଗ ବଇରାଗ ମାଡେନାହିଁ" (ଧରଣୀପେନୁ, ପୃ -୭୬)। ଏହା ସେମାନଙ୍କ ସଂସ୍କୃତିର ଏକ ପର୍ଯ୍ୟାୟ । କରୁଣ ପରିସ୍ଥିତି ହେଲେ ମଧ୍ୟ କନ୍ଧ ତା ଜାତିଲୋକ ମଙ୍ଗଳ ତଥା ଭଲ ଫସଲ ଅମଳ ପାଇଁ ସେ ଧରଣୀପେନୁକୁ ରକ୍ତ ଦେଉଛି । ଧରଣୀପେନୁ ଶାନ୍ତ ହେଲେ କୁଟିଆ କନ୍ଧର ମଙ୍ଗଳ ହେବ ବୋଲି ସେମାନେ ଚିନ୍ତା କରନ୍ତି । ଚାଙ୍ଗପାରୁ ଗାଁର କନ୍ଧମାନେ ବୁର୍ଲାଙ୍ଗ ପର୍ବ ପାଳନ କରିବେ । ପର୍ବର ଶେଷଦିନରେ 'ପଲକା' ପୋଡ଼ିବେ । 'ପଲକା' ହେଉଛି ବନ୍ୟ ଜୀବଜନ୍ତୁଙ୍କ ତଳ ଓଠ । ପଲକା ପର୍ବରେ କୁଟିଆକନ୍ଧ ବର୍ଷସାରା ଶିକାର କରିଥିବା କୁଟ୍ରା, ମୃଗ, ସମ୍ବର ଆଦି ସଂଗ୍ରହ କରି ରଖିଥିବା ଜନ୍ତୁର ତଳ ଓଠ ପୋଡ଼ିଥାନ୍ତି । ଏହିପରି କନ୍ଧ ବାର ମାସରେ ତେର ପର୍ବ ପାଳିଥାଏ । ଏହିପରି ଜନଜାତିର ପାରମ୍ପରିକ ଜୀବନଧାରାରେ ନୂଆଁଖିଆ, ଟାକୁ ପରବ୍, କାନ୍ଦୁଲ ପରବ୍, ଅନକା ପରବ୍ ଆଦି ପର୍ବପର୍ବାଣିର ବିଶେଷ ମହତ୍ୱ ରହିଛି । ଏହି ପର୍ବଗୁଡିକ କନ୍ଧ ସମ୍ପ୍ରଦାୟର ସାମୂହିକ ଜୀବନ, କୃଷିଭିତ୍ତିକ ପରମ୍ପରା ଓ ସାଂସ୍କୃତିକ ପରିଚୟର ପ୍ରତୀକ । କିନ୍ତୁ ଧର୍ମାନ୍ତର ପରେ ଖ୍ରୀଷ୍ଟଧର୍ମାବଲମ୍ବୀ କନ୍ଧର ଏହି ପାରମ୍ପରିକ ପର୍ବପର୍ବାଣି ପ୍ରତି ବିମୁଖ ମନୋଭାବ ଦେଖାଯାଇଛି ।

//୨//

ଉନବିଂଶ ଶତକରେ ଇଂରେଜମାନେ ଦେଶକୁ ଶାସନ କରିବା ସହିତ ଖ୍ରୀଷ୍ଟଧର୍ମ ପ୍ରଚାର କରିବାରେ ସଫଳ ହୋଇଥିଲେ । ଧର୍ମ ପ୍ରଚାରର ସୁବିଧା ନିମନ୍ତେ ବିଦ୍ୟାଳୟ ସ୍ଥାପନ, ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ବାଇବେଲ ଧର୍ମ ପୁସ୍ତକର ଅନୁବାଦ, ବିଭିନ୍ନ ପତ୍ରିକା ପ୍ରକାଶ କରିବାରେ ମନୋନିବେଶ କଲେ । "ସଟନ୍ ସାହେବ ଏକ ଲେଖାରେ ସେତେବେଳେ ପ୍ରକାଶ କରିଥିଲେ ଯେ ସମଗ୍ର ଓଡ଼ିଶାକୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ନିମନ୍ତେ ସେମାନେ ଆନ୍ତରିକତା ସହିତ ଚେଷ୍ଟା କରୁଥିଲେ । ଡଃ ଥମାସ୍ ସ୍ମିଥ୍ ନାମକ ଜଣେ ପାଦ୍ରୀ ମଧ୍ୟ ଖୋଲାଖୋଲି ଭାବରେ ଏକଦା ପ୍ରକାଶ କରିଥିଲେ ଯେ ସେମାନେ ଭାରତରେ ସ୍ତ୍ରୀ-ଶିକ୍ଷାକୁ ପ୍ରାଧାନ୍ୟ ଦେବାର ପ୍ରକୃତ କାରଣ ହେଉଛି ଭାରତକୁ ସମ୍ପୂର୍ଣ୍ଣ ଭାବରେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା"(ଓଡ଼ିଆ ସାହିତ୍ୟରେ ଧର୍ମଧାରା, ପୃ-୧୪୪) । ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଓଡ଼ିଶାର ବିବିନ୍ନ ସ୍ଥାନରେ ପହଞ୍ଚି ମିଶନାରୀମାନେ ଧର୍ମାନ୍ତରିତ କରାଇବାରେ ସଫଳ ହେଲେ । ମିଶନାରୀମାନେ ସହଜରେ ସରଳ ମନକୁ ପ୍ରଭାବିତ କରିପାରିଥିଲେ । ବଣଜଙ୍ଗଲର ଅଧିବାସୀମାନଙ୍କୁ ସେମାନେ ସହଜରେ ପ୍ରଲୋଭିତ କରି ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଇଲେ । ଫଳରେ ଏହି ଅଧିବାସୀ ନିଜର ସଂସ୍କୃତିକୁ ଭୁଲିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ସେମାନଙ୍କର ପରିଚୟ ବଦଳିଗଲା । ବିଦେଶୀ ନାମରେ ଦେଶୀ ସଙ୍ଗିଆ ବ୍ୟବହାର କରାଗଲା । କଥାକାରଙ୍କ ଧରଣୀପେନୁ ଉପନ୍ୟାସର ଗୋଟେ ପ୍ରମୁଖ ଦିଗ ହେଲା ଧର୍ମାନ୍ତରୀକରଣ । ଉପନ୍ୟାସରେ ଖ୍ରୀଷ୍ଟଧର୍ମ ଗ୍ରହଣ ଫଳରେ କନ୍ଧ ସଂସ୍କୃତି ତଥା ସାମାଜିକ ନୀତିନିୟମ ସହିତ ତାର ନାଁ'ରେ ମଧ୍ୟ ପରିବର୍ତ୍ତନ ଦେଖାଯାଇଛି । ଦ୍ରୋଣ ଜାନିର ପୁଅ ଜେମସ ଖ୍ରୀଷ୍ଟିଧର୍ମ ଗ୍ରହଣ କରିବା ଫଳରେ ଅଷ୍ଟମା (ଅଶ୍ୱଥମା) ନାମ ଜେମସ ଜାନିରେ ପରିଣତ ହେଇଛି । ଜେମ୍ବ ଜାନିର ଦୁଇ ପୁଅ ସାଇମନ ଓ ନେଲ୍ସନ ଝିଅ ମେରୀ । ଉପନ୍ୟାସରେ ଜାକେଶିର ପାଣ ଖ୍ରୀଷ୍ଟିଆନ ସାହିର ସାଉକାର ଜ୍ୟାକବ ଡିଗଲ ଚରିତ୍ର ହେଉଛି ଗୋଟେ ଧୂର୍ତ୍ତ ଗୁଣରେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ । ଆଣ୍ଡ୍ରୁ ଡିଗଲର ପୁଅ ଜ୍ୟାକବ୍ ଡିଗଲ କନ୍ଧକୁ କୂଟଚକ୍ରାନ୍ତରେ ଖ୍ରୀଷ୍ଟଧର୍ମ ଗ୍ରହଣ କରାଇଛି । ଜ୍ୟାକବ ଡିଗଲ ତା ନିଜ ବ୍ୟାଙ୍କରୁ କନ୍ଧମାନଙ୍କୁ ଋଣ ଦିଏ ଓ ଶୋଷଣ କରେ । ଅନ୍ୟ ପଟେ ଚଙ୍ଗାପାରୁ ଗାଁର ଡମ୍ ଖ୍ରୀଷ୍ଟିଆନ ସାଉକାର ଡେଭିଡ ମାନସେଠ ଡମମାନଙ୍କୁ ଲୋଭ ଦେଖାଇ ଖ୍ରୀଷ୍ଟିଧର୍ମରେ ଦୀକ୍ଷିତ କରାଉଛି । ପୂର୍ବରୁ ଚଙ୍ଗାପାରୁ ଗାଁରେ କୁଟିଆକନ୍ଧ ଓ ଡମ୍ ମିଳିମିଶି ଚଳୁଥିଲେ, ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ଡମ୍ କନ୍ଧମାନଙ୍କୁ ଶତ୍ରୁ ମନେ କରିଛି । ଯାହାଦ୍ୱାରା ଏଠି ଧର୍ମକୁ ନେଇ ଭାଇ ଭାଇ ମଧ୍ୟରେ ଦୂରତା ଦେଖାଯାଇଛି । ଚଙ୍ଗାପାରୁ ଗାଁର ମୁଖିଆ ହେଉଛନ୍ତି ଚେମା ମାଝି । ତାଙ୍କୁ ଡର ଅଛି ଯେ ଜାକେଶି ପରି ସବୁକନ୍ଧ ଯଦି ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ତାହେଲେ କନ୍ଧ ସଂସ୍କୃତି ଲୋପ ପାଇଯିବ । ଶେଷରେ ସେହି ଡର ବାସ୍ତବତାର ରୂପ ନେଇଛି । ଅନ୍ୟ ପଟେ ଉପନ୍ୟାସରେ କନ୍ଧର ତନ୍ତ୍ରମନ୍ତ୍ର ପାଙ୍ଗଣ ବିଦ୍ୟା ଭଳି ଅନ୍ଧବିଶ୍ୱାସ ଫଳରେ କନ୍ଧକୁ ଗ୍ରାମରୁ ବାସନ୍ଦ କରାଯାଇଛି । ଯାହାଫଳରେ କନ୍ଧ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ବାଧ ହୋଇଛି । ଫଳରେ ବାହ୍ୟ ଧର୍ମଗ୍ରହଣ ଦ୍ୱାରା କନ୍ଧ ପରମ୍ପରାରେ ପରିବର୍ତ୍ତନ ଦେଖାଯାଇଛି । ଅପରପକ୍ଷରେ ଆଜୀବନ ଅବିବାହିତ ରହି ପିତା ପରମେଶ୍ୱରଙ୍କ ସୁସମାଚାର ପ୍ରଚାରକ ଫାଦର ଯୌନ ଶୋଷଣ କରୁଥିବାର ଦେଖାଯାଇଛି । ପୂଜା ପଦ୍ଧତିକୁ ଅବହେଳା କରିବା, ଦେବାଦେବୀ ପ୍ରତି ଅବିଶ୍ୱାସ, ଅଲଗା ଗୋତ୍ରରେ ବିବାହ ଆଦି କାରଣରୁ କନ୍ଧ ସଂସ୍କୃତି ଅବକ୍ଷୟ ହେବାରେ ଲାଗିଛି । ରୋଗ, ଲୋଭ, ଚତୁରତା, ଅନ୍ଧବିଶ୍ୱାସ ଆଦି କାରଣରୁ ଚଙ୍ଗାପାରୁ ଓ ଜାକେଶି ଗାଁର ସବୁ ଲୋକ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି । ଧର୍ମାନ୍ତରିତ ହେବା ଦ୍ୱାରା ଆଦିବାସୀ ସଂସ୍କୃତି କ୍ଷୟ ହେବା ସହିତ ଆଦିବାସୀ ଅସ୍ମିତା ଲୋପ ପାଇବାରେ ଲାଗିଛି । ଭାରତ ସରକାର ସମସ୍ତଙ୍କୁ ସାମ୍ବିଧାନିକ ମୌଳିକ ଅଧିକାର ପ୍ରଦାନ କରିଛନ୍ତି । Right to Freedom of Religionରେ ନିଜ ଇଚ୍ଛାରେ ଲୋକମାନେ ଧର୍ମ ପରିବର୍ତ୍ତନ କରିପାରିବେ । ଅନ୍ୟ ଧର୍ମ ପ୍ରତି ସମାଦର ବା ଶ୍ରଦ୍ଧା ରହିବାର ଆବଶ୍ୟକତା ରହିଛି । ଲୋକଙ୍କୁ ବଳପୂର୍ବକ ତଥା ପ୍ରଲୋଭିତ କରି ଧର୍ମାନ୍ତରିତ କରିବା ଆଇନତଃ ଅପରାଧ । ଉପନ୍ୟାସରେ ଦେଖାଯାଇଛି କନ୍ଧର ଅଶିକ୍ଷା ଓ ସରଳତାର ସୁଯୋଗ ନେଇ ଧର୍ମାନ୍ତରିକରଣ କରାଯିବା ପରେ ସେମାନଙ୍କୁ ଶୋଷଣ କରାଯାଉଛି । ଯାହା ଏକ ଗଣତନ୍ତ୍ର ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ ।

// ୩ //

ଉପନ୍ୟାସରେ ଲେଖକଙ୍କ ବର୍ଣ୍ଣନା ତଥା ଅଭିମତ ଅନୁସାରେ ଖ୍ରୀଷ୍ଟିଆନ ମିସନାରି ସଂସ୍ଥାମାନେ ନାନା ପ୍ରକାର ଲୋଭ ଦେଖାଇ ବଳପୂର୍ବକ ସରଳ କୁଟିଆକନ୍ଧଙ୍କ ଧର୍ମ ପରିବର୍ତ୍ତନ କରାଉଛନ୍ତି । ଧର୍ମାନ୍ତର ପ୍ରସଙ୍ଗ କନ୍ଧ ସମାଜରେ କେବଳ ଧାର୍ମିକ ପରିବର୍ତ୍ତନର ବିଷୟ ନୁହେଁ, ବରଂ ସାମାଜିକ ପରିଚୟ, ସାଂସ୍କୃତିକ ଅସ୍ମିତା ଏବଂ ରାଜନୈତିକ ପ୍ରଭାବର ଏକ ଜଟିଳ ପ୍ରଶ୍ନ ଭାବେ ପରିଗଣିତ ହୋଇଛି । ଓଡ଼ିଶା ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ (Odisha Freedom Of Religion Act - 1967) ପ୍ରଣୟନ ପରେ ଧର୍ମାନ୍ତର ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ଆଇନଗତ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହାକୁ ନେଇ ବିଭିନ୍ନ ସାମାଜିକ ସଂଗଠନ ଓ ଧାର୍ମିକ ଗୋଷ୍ଠୀ ମଧ୍ୟରେ ମତଭେଦ ଦେଖାଯାଇଛି । ବିଶେଷକରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ , ବଜରଙ୍ଗ ଦଳ, ବ୍ରାହ୍ମଣ ହିନ୍ଦୁ ପରିଷଦ ପରି ସଂଗଠନଗୁଡିକ ଧର୍ମାନ୍ତରକୁ ଆଦିବାସୀ ସଂସ୍କୃତି ପରିଚୟ ପ୍ରତି ବିପଦ ମନେ କରି ଏହାର ବିରୋଧରେ ବିଭିନ୍ନ ଆନ୍ଦୋଳନ ଓ ସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି । ସେମାନଙ୍କ ମତରେ ଧର୍ମାନ୍ତର ଆଦିବାସୀଙ୍କ ପାରମ୍ପରିକ ଆସ୍ଥା, ରୀତିନୀତି, ଭାଷା ଏବଂ ସଂସ୍କୃତିକୁ କ୍ଷୀଣ କରିଥାଏ । ଅନ୍ୟପଟେ ଖ୍ରୀଷ୍ଟିଆନ ମିଶନାରୀ ସଂସ୍ଥା ବେଆଇନ ଭାବେ ଧର୍ମାନ୍ତରିତ କରୁଛନ୍ତି । ବେଲଘର ଚଙ୍ଗାପାରୁରେ କୁଟିଆ କନ୍ଧମାନଙ୍କୁ ଖ୍ରୀଷ୍ଟିଆନ ମିଶନାରୀ ସଂସ୍ଥା ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବାକୁ ଅନେକ ଥର ଉଦ୍ୟମ କରିବାର ପ୍ରସଙ୍ଗ ଉପନ୍ୟାସରେ ରହିଛି ।

© 2026 ଝିଲି ସେଠ୍, ଡ. ଗଣେଶ ପ୍ରସାଦ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ଖ୍ରୀଷ୍ଟ ବିଶ୍ୱାସୀ ଡମ୍, ଡିଗଲ ଓ ପାଣମାନେ ନିଜର ସାଙ୍ଗିଆ ଡିଗଲ, ବେହେରା, ଗଣ୍ଡା, ମାନ୍ ସେଠ୍, ପରାସେଠ୍ ବଦଳରେ କନ୍ଧର ସାଙ୍ଗିଆ କହଁର, ମାଝି, ପ୍ରଧାନ, ଜାନି ଆଦି ବ୍ୟବହାର କରି ସରକାରୀ ସୁବିଧା ସୁଯୋଗ ତଥା ଚାକିରୀ ହାତେଇ ନେଉଛନ୍ତି । ସାଙ୍ଗିଆକୁ ନେଇ ଜାଲିଆତି ହେବାର ଦେଖାଯାଇଛି । ଏହି ଅନ୍ୟାୟକୁ ବିରୋଧ କରୁଛନ୍ତି 'ଆଦିବାସୀ ସୁରକ୍ଷା ମଞ୍ଚ' ର ଆବାହକ ତଥା କନ୍ଧ ସର୍ଦ୍ଦାର ରୁଷିଆ କହଁର । ଅନ୍ୟପଟେ ଖ୍ରୀଷ୍ଟ ବିଶ୍ୱାସୀ ଡମ୍, ପାଣ, ଡିଗଲମାନେ 'କୁଇଜନ ସମାଜ ସମିତି' ଗଠନ କରି ନିଜ ପାଇଁ ଆଦିବାସୀ ମାନ୍ୟତା ଦାବି କରୁଛନ୍ତି । ଏସବୁ ପଛରେ ରିଜର୍ଭେସନ ସୁବିଧା ଲୋଭରେ ଏ ସବୁ ଚକ୍ରାନ୍ତ କରାଯାଉଛି ବୋଲି ରୁଷିଆ କହଁର ବିଚାର କରନ୍ତି । "ଧର୍ମାନ୍ତରିତ କନ୍ଧ ଖ୍ରୀଷ୍ଟିଆନମାନଙ୍କୁ ସଂରକ୍ଷଣ ସୁବିଧା ନ ଦିଆଯାଉ ସେମାନଙ୍କର ଆଦିବାସୀ ମାନ୍ୟତା ରଦ୍ଦ କରାଯାଉ ବୋଲି ରୁଷିଆ କହଁର ଦାବି କରୁଛି" (ଧରଣୀପେନୁ, ପୃ -୧୧୫) । କନ୍ଧ ସର୍ଦ୍ଦାର ରୁଷିଆ ଓ ପାଣ ଖ୍ରୀଷ୍ଟିଆନ୍ ନେତା ସଙ୍ଗାରାମ ଡିଗଲ ନିଜ ନିଜର ଦାବିକୁ ନେଇ ବହୁ ବର୍ଷ ଧରି ଆନ୍ଦୋଳନ କରି ଆସୁଛନ୍ତି । ଏହା ପାଇଁ ଅତୀତରେ ଅନେକ ଥର ଦଙ୍ଗା ବି ହେଇ ସାରିଲାଣି । ରାଜନୈତିକ ନେତା ଏହାର ସମାଧାନ କରିବା ପରିବର୍ତ୍ତେ ଏହାକୁ ନେଇ ରାଜନୀତି କରୁଛନ୍ତି । ରାଜନୀତି, ବିଭିନ୍ନ ଦଳ ଏବଂ ଧର୍ମର ଚକ୍ରବ୍ୟୂହ ମଧ୍ୟରୁ ଆଦିବାସୀ ନିଜକୁ ମୁକ୍ତ କରିପାରୁନାହିଁ । ମାଟି ସହିତ ଜଡ଼ିତ ଥିବା ଜନଜାତି ଯେତେବେଳେ ବାହ୍ୟ ପରମ୍ପରା ସହିତ ନିଜକୁ ଖାପ ଖୁଆଇ ଚଳି ପାରୁନାହିଁ ସେତେବେଳେ ଅନ୍ୟ ଧର୍ମର ଲୋକେ ପୂର୍ବରୁ ଜଡ଼ିତ ଥିବା ସଂସ୍କୃତିକୁ ସମାଲୋଚନା କରୁଛନ୍ତି ଏବଂ ନିଜ ଦଳରେ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି । ଫଳରେ ଧର୍ମ ଓ ରାଜନୀତିର ପଶାଖେଳ ମଧ୍ୟରେ ଆଦିବାସୀ ସଂସ୍କୃତି କ୍ଷୟ ଘଟୁଛି ।

//୪ //

ଧରଣୀ ପେନୁ ଉପନ୍ୟାସରେ ରହିଛି ଜଙ୍ଗଲ, ଜମି ଓ ଜଳ ପ୍ରସଙ୍ଗ । ଯଦି ବିକାଶ ନାମରେ ସେହି ପ୍ରକୃତି ସହିତ ଜଡ଼ିତ ଥିବା ଅଧିବାସୀଙ୍କୁ ବିସ୍ଥାପିତ କରାଯାଏ ତାହେଲେ ଆଦିବାସୀ ସଂସ୍କୃତି କାଳକ୍ରମେ ଲୁପ୍ତ ହେଇଯିବ । ଗଛଲତା ପାହାଡ଼ପର୍ବତ ସମସ୍ତେ ଆଦିବାସୀର ଦେବତା, ତାର ସାମୁହିକ ଜୀବନ, ସ୍ଥାନୀୟ ପରମ୍ପରା ତାଙ୍କ ପାଇଁ ସର୍ବୋପରି । ସ୍ଥାନୀୟ ପରମ୍ପରା ବିସ୍ଥାପିତ ହେବା ଦ୍ୱାରା ଆଦିବାସୀ ସଂସ୍କୃତି ଉପରେ ପ୍ରଭାବ ପଡିଥାଏ । ଏହି ପରିସ୍ଥିତିରେ ସରକାର ସମ୍ବେଦନଶୀଳ ମନୋଭାବ ନେଇ ନିଷ୍ପତ୍ତି ନେବା ଉଚିତ୍ । ଯେମିତି ପୂର୍ବରୁ ଓଡ଼ିଶା ନିୟମଗିରିର ବେଦାନ୍ତ ମାଇନ୍ସ କେଶ (୨୦୧୪) ସୁପ୍ରିମ କୋର୍ଟ ଆଦିବାସୀଙ୍କ କଥା ରକ୍ଷାକରି ମାଇନିଙ୍ଗକୁ ସ୍ଥଗିତ କରିଥିଲେ । ଦେଶର ବିକାଶ ପାଇଁ ମାଇନିଙ୍ଗ ଜରୁରୀ ଥିବା ସ୍ଥଳେ ତାର ବିକଳ୍ପରେ ସେହି ଅଧିବାସୀମାନଙ୍କୁ ସୁବିଧା ସୁଯୋଗ ମଧ୍ୟ ଦେବାର ଆବଶ୍ୟକତା ରହିଛି ।

ଔପନ୍ୟାସିକ ଉପନ୍ୟାସର ଶେଷ ପର୍ଯ୍ୟାୟରେ ଜାକେଶି ଗାଁର କୁଟିଆ କନ୍ଧ, ଡମ୍, ପାଣ ଇତ୍ୟାଦିଙ୍କ ହତାଶା, ଅବ୍ୟକ୍ତ କୋହ ପରିସମାପ୍ତିରେ ଦ୍ରୋଣ ଜାନିର ଆତ୍ମାହୁତିର କରୁଣ କାହାଣୀ ଦେଖାଯାଇଛି । ଜାକେଶପାଟା ଓ ଦୁର୍ଦୁଲିପାଟା ପାହାଡ଼ରେ ପ୍ରଚୁର ମାତ୍ରାରେ ସୁନା ଗଚ୍ଛିତ ଥିବା କଥା ସର୍ଭେ ରିପୋର୍ଟରୁ ଜଣାପଡିବା ପରେ ସରକାର ଜାକେଶିରେ ଖଣି ଖନନ ପାଇଁ ସମସ୍ତ ପ୍ରକାର ଆୟୋଜନ ଆରମ୍ଭ କରିଦେଇଛନ୍ତି । ଜାକେଶିର ପ୍ରାକୃତିକ ପରିବେଶ ଓ ଜୈବ ବିବିଧତା, ଖ୍ରୀଷ୍ଟ ବିଶ୍ୱାସୀଙ୍କ ଧାର୍ମିକ ସ୍ଥଳ ଧ୍ୱଂସ ପାଇଯିବ, ଆଦିବାସୀ ବସତି ଓ ଜୀବନଶୈଳୀ ପ୍ରଭାବିତ ହେବ ବୋଲି ଖ୍ରୀଷ୍ଟବିଶ୍ୱାସୀମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛନ୍ତି । ସୁନା ଖଣି ଖନନ ପାଇଁ ମାଇନିଂ ଲିଜ୍ ମିଳି ସାରିଥିବା ଯୋଗୁଁ କୌଣସି ଆନ୍ଦୋଳନ କାର୍ଯ୍ୟକାରି ହେଇପାରିଲା ନାହିଁ । ବିଭିନ୍ନ ଆନ୍ଦୋଳନ ବିରୋଧ ସତ୍ତ୍ୱେ ଜାକେଶପାଟା ଓ ଦୁର୍ଦୁଲିପାଟା ଧ୍ୱଂସ ପାଇଗଲା । ଦ୍ରୋଣ ଜାନି ତାର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାର ନଷ୍ଟ ହେବାର ଦେଖି ଧରଣୀ ପେନୁ ନିକଟରେ ତାର ଆତ୍ମବଳି ଦେଇଛି । "ରକ୍ତସ୍ନାନ କରି ଦ୍ରୋଣ ଜାନି ଧରଣୀପେନୁକୁ ନିଜ ରକ୍ତ ଅର୍ପଣ କଲା । ମଣିଷ ରକ୍ତ ପିଇ ଧରଣୀପେନୁ ଶାନ୍ତ ପଡିଗଲା । ଦ୍ରୋଣ ଜାନିର ମୁଣ୍ଡରୁ ଶରୀର ଅଲଗା ହୋଇ କିଛି ସମୟ ଛଟପଟ ହେବା ପରେ ଶେଷରେ ନିଶ୍ଚଳ ହୋଇଗଲା "(ଧରଣି ପେନୁ, ପୃ – ୧୭୨) । ଜାକେଶିର ବିପର୍ଯ୍ୟୟ ଦେଖିବାକୁ ଜୀବିତ ନ ଥିଲା ଦ୍ରୋଣ ଜାନି । ଲେଖକ ଏଠି ପରୋକ୍ଷରେ ସୂଚନା ଦେଉଛନ୍ତି ଯେ ଦ୍ରୋଣ ଜାନି ହେଉଛି ପୁରୁଣା କନ୍ଧ ପରମ୍ପରା, ସଂସ୍କୃତିର ପ୍ରତୀକ । ତାର ମୃତ୍ୟୁ ହେଉଛି କନ୍ଧ ଜନଜାତି ସଂସ୍କୃତିର ମୃତ୍ୟୁ । ଶେଷରେ ଜାକେଶି ଚର୍ଚ୍ଚ ଧ୍ୱଂସ ପାଇଯିବାରୁ ଖ୍ରୀଷ୍ଟବିଶ୍ୱାସୀମାନେ ନୂଆ ଚର୍ଚ୍ଚ ନିର୍ମାଣ ପାଇଁ ନୂଆ ଜାଗା ସନ୍ଧାନରେ ବାହାରି ପଡିଲେ । ସରକାର ଆଦିବାସୀମାନଙ୍କର ବିକାଶ ତଥା ସଂସ୍କୃତି ସୁରକ୍ଷା ପାଇଁ ବହୁ ଯୋଜନା କରୁଛନ୍ତି । ମାତ୍ର ବିକାଶ ପଛରେ ଆଦିବାସୀ ଜୀବନଧାରା, ତାର ସଂସ୍କୃତି କ୍ଷୟର ଅକୁହା ବେଦନାର ଚିତ୍କାରକୁ ଅଣଦେଖା କରୁଛନ୍ତି ।

//୫//

କଥାକାର ରଞ୍ଜନ ପ୍ରଧାନ ଉପନ୍ୟାସରେ କନ୍ଧ ସମାଜର ମିଥକୁ ବହୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । କୁଟିଆ କନ୍ଧର ସୃଷ୍ଟି ରହସ୍ୟ, ଜାକେଶପାଟା ଓ ଦୁର୍ଦୁଲିପାଟା ପାହାଡ଼ର ସୃଷ୍ଟି କଥା, ମହୁଲି ମଦର ବିଶେଷତ୍ୱ, ମେରିଆ ପର୍ବ, ମେରିଆ ମାଉଁସର ମହତ୍ୱ ଓ ରଜାପୁଅ କବି ଉପାଖ୍ୟାନକୁ ନୂତନ ଭଙ୍ଗୀରେ ପ୍ରକାଶ କରିଛନ୍ତି । ଜାକେଶିର ଜାରା କନ୍ଧ ମହୁଲି ମଦର ବିଶେଷତ୍ୱ ସେନ୍ସସ ଅଫିସରକୁ କହିଛି । ଶିବ (ବିତ୍ରେମାଇଁ) ଓ ପାର୍ବତୀ (ସିତ୍ରେମାଇଁ) ପକ୍ଷୀ ରୂପରେ ପୃଥିବୀ ଭ୍ରମଣରେ ଆସିଛନ୍ତି । "ମହାପ୍ରୁ ମହୁଲ ରସ ପିଇ ମାତାଲ ହୋଇଛନ୍ତି\ । ମହାପ୍ରୁରୁଙ୍କୁ ମହୁଲି ମଦ ଭାରି ଭଲ ଲାଗିଛି । ମହାପ୍ରୁରୁ ଖୁସି ଅଛନ୍ତି"(ଧରଣୀପେନୁ, ପୃ -୩୭) । ତ୍ରିକାଳଦର୍ଶୀ କନ୍ଧ ବୁଢାର ଏକଥା ଶୁଣିବା ପରେ କନ୍ଧ ତାର ସମସ୍ତ ପେନୁ ଦେବତାକୁ ମହୁଲି ମଦ ଦେଇ ଆସୁଛି । ଦ୍ରୋଣ ଜାନି ପାଖରେ ମେରିଆ ମାଉଁସ ଅଛି ବୋଲି ସେ ସମସ୍ତଙ୍କଠୁ ନିଜକୁ ନିଆରା ମନେକରେ । କଥାକାର ମେରିଆ ମାଉଁସର ବଳରେ ଘୁମୁସର ଅଞ୍ଚଳର ଜଣେ କବି ଅସାଧ୍ୟ ସାଧନ କରିଥିବା କଥା କାହାଣୀ ମାଧ୍ୟମରେ ବ୍ୟାଖ୍ୟା କରିଛନ୍ତି । ଔପନ୍ୟାସିକ ମେରିଆ ପର୍ବରେ ମଣିଷ ବଳି ଦେବା କାହାଣୀ ଇତ୍ୟାଦି ବହୁ କନ୍ଧ ମିଥ୍ କାହାଣୀକୁ ନୂତନ ଭଙ୍ଗୀରେ ଉପସ୍ଥାପନ କରିଛନ୍ତି ।

ଉପସଂହାର:

କଥାକାର ରଞ୍ଜନ ପ୍ରଧାନଙ୍କ 'ଧରଣୀପେନୁ' ଉପନ୍ୟାସ ହେଉଛି ଜନଜାତି ଜୀବନ ଭିତ୍ତିକ ଏକ ସଫଳ ସୃଷ୍ଟି । ଏହି ଉପନ୍ୟାସରେ ବିଷୟବସ୍ତୁର ଅଭିନବତ୍ୱ ତଥା ପ୍ରକାଶଭଙ୍ଗୀରେ ନୂତନତ୍ୱ ଦେଖାଯାଇଛି । ଲେଖକ ଜାକେଶି ଗାଁର କୁଟିଆ କନ୍ଧର ସାମାଜିକ ଜୀବନ ଧାରା, ଜାକେଶପାଟା ଓ ଦୁର୍ଦୁଲିପାଟା ପାହାଡ଼ର ମହତ୍ୱ, କନ୍ଧ ସଂସ୍କୃତିର ପର୍ବପର୍ବାଣିକୁ ବହୁ ସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି । ଲୋଭ ଓ କୂଟ ଚକ୍ରାନ୍ତରେ ଜାକେଶି ଓ ଚଙ୍ଗାପାରୁ ଗାଁ'ରେ ହେଉଥିବା ଧର୍ମାନ୍ତରୀକରଣ, ରିଜର୍ଭେସନ ନାଁରେ ଜାଲିଆତି ଘଟଣା, ଶୋଷିତ କନ୍ଧ ଇତ୍ୟାଦି ବିଷୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଙ୍ଗୁଳିମେୟ କନ୍ଧ ହିଁ ନିଜ ସଂସ୍କୃତିକୁ ଭୁଲି ନାହାଁନ୍ତି । ଜୀବନର ଶେଷ ପର୍ଯ୍ୟନ୍ତ ସେମାନେ କନ୍ଧ ସଂସ୍କୃତିକୁ ଜାବୁଡି ଧରିଛନ୍ତି । ବିଶେଷ ଭାବରେ ଏଠି କୁଟିଆ କନ୍ଧର ବିପର୍ଯ୍ୟୟ ସଂସ୍କୃତି ଏବଂ ଧର୍ମାନ୍ତରିତ କଥା କୁହାଯାଇଛି । କଥାକାର ଉପନ୍ୟାସରେ କନ୍ଧର ଆଦିମ ମିଥକୁ ଗବେଷଣା ମାଧ୍ୟମରେ ସଂଗ୍ରହ କରି ଉପନ୍ୟାସରେ ସ୍ଥାନ ଦେଇ, ସେହି ପୁରାତନ ଜନଜାତିର ଚିରନ୍ତନତାକୁ ସମସ୍ତଙ୍କ ସମ୍ମୁଖକୁ ଆଣିଛନ୍ତି । ମୋଟ ଉପରେ 'ଧରଣୀ ପେନୁ' ଉପନ୍ୟାସ କନ୍ଧ ସମ୍ପ୍ରଦାୟ, ସେମାନଙ୍କ ଆଞ୍ଚଳିକ ସଂସ୍କୃତି, ପରିବେଶ, ବିବର୍ତ୍ତନକୁ ନେଇ ଏକ ଲିଖିତ ଅଭିନବ ଉପନ୍ୟାସ । ଲେଖକଙ୍କ ସୃଷ୍ଟିଗତ ମୌଳିକତା ତଥା ଭାଷାଗତ ଉପସ୍ଥାପନା ଶୈଳୀ ଉପନ୍ୟାସକୁ ଅଧିକ ମୌଳିକ କରିପାରିଛି ।

© 2026 ଝିଲି ସେଠ୍, ଡ. ଗଣେଶ ପ୍ରସାଦ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ସହାୟକ ଗ୍ରନ୍ଥସୂଚୀ :

1. ପ୍ରଧାନ ଡଃ ରଞ୍ଜନ, ଧରଣୀ ପେନୁ, ଭୁବନେଶ୍ୱର: ପକ୍ଷୀଘର ପ୍ରକାଶନୀ, ୨୦୨୩
2. ଷଡ଼ଙ୍ଗୀ ଡଃ ନୃସିଂହ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ସାର୍ଥକ ପବ୍ଲିକେଶନ୍ସ, କଟକ,୨୦୨୩
3. ମହାରଣା ଡଃ ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟରେ ଧର୍ମଧାରା, ବିଦ୍ୟା ପ୍ରକାଶନ, କଟକ, ୧୯୮୮

Creative Commons (CC) License

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.

About the Author



ଝିଲି ସେଠ୍ - କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜଣେ ନିଷ୍ଠାପର ଗବେଷିକା । ସାହିତ୍ୟ ଅଧ୍ୟୟନ ସହିତ ଜନଜାତି ମାନଙ୍କ ଜୀବନଧାରା ତଥା ତାଙ୍କ ସଂସ୍କୃତି ସମ୍ବନ୍ଧୀୟ ସାହିତ୍ୟ ଉପରେ ତାଙ୍କର ବିଶେଷ ରୁଚି ରହିଛି । ଶିକ୍ଷା ଓ ସାହିତ୍ୟର ବିକାଶ ପାଇଁ ସେ ନିଜର ଗବେଷଣାତ୍ମକ ଲେଖା ମାଧ୍ୟମରେ ନିରନ୍ତର ପ୍ରୟାସରତ।



ଡ. ଗଣେଶ ପ୍ରସାଦ ସାହୁ (ସହାୟକ ପ୍ରଫେସର) ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରୁ ୧୯୯୯ରୁ ୨୦୦୪ ମଧ୍ୟରେ ' ନୂତନ କବିତାର ପୃଷ୍ଠଭୂମିରେ କବି ଭାନୁଜୀ ରାଓ' ବିଷୟରେ Ph.D. ଲାଭ କରିଥିଲେ । ଗବେଷଣା କାଳରୁ କବିତା ସମୀକ୍ଷା ପ୍ରତି ବିଶେଷ ଆଗ୍ରହ ଦେଖାଇଥିଲେ ହେଁ ଓଡ଼ିଆ ଲୋକସାହିତ୍ୟ, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ସମ୍ପର୍କରେ ତାଙ୍କର ପ୍ରାୟ ଅର୍ଦ୍ଧଶତାଧିକ ସମୀକ୍ଷା ଓଡ଼ିଶାର ବିଭିନ୍ନ ଖ୍ୟାତନାମା ପତ୍ରିକାରେ ପ୍ରକାଶିତ । ବର୍ତ୍ତମାନ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନାରତ ଓ ବିଭିନ୍ନ ଗବେଷଣାଧର୍ମୀ କାର୍ଯ୍ୟରେ ସଂପୃକ୍ତ ଅଛନ୍ତି ।

© 2026 ଝିଲି ସେଠ୍, ଡ. ଗଣେଶ ପ୍ରସାଦ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/